vaishnavi
CORPORATE COMMUNICATIONS

| | | | |
|---|---|---|---|
| **Publication:** | Oscar Utkal | TCS | |
| **Edition:** | Bhubaneswar | | |
| **Date:** | 24, August 2011 | | |
| **Page:** | 07 | | |

TCS IT Wiz on Sept 6, 2011

# ଟିସିଏସର ଆଇଟି କୁଇଜ-୨୦୧୧ ଆସନ୍ତା ୬ରେ

ଭୁବନେଶ୍ୱର, ୨୩/୦୮ : ଟାଟା କନସଲଟାନ୍ସି ସର୍ଭିଶେଷ ପକ୍ଷରୁ ଟିସିଏସ ଆଇଟି କୁଇଜ ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବ। ସ୍ଥାନୀୟ ଜୟଦେବ ବିହାରସ୍ଥିତ ପାଲ ହାଇଟସ୍ ଠାରେ ମଙ୍ଗଳବାର ଦିନ ଭାରତର ସର୍ବବୃହତ ଆଟି ସ୍କୁଲ କୁଇଜ ଟିସିଏସର ଆଇଟି-କୁଇଜ ୨୦୧୧ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଏହି କୁଇଜ ପ୍ରତିଯୋଗୀତା ପାଇଁ ପ୍ରବେଶ ଶୁଳ୍କ ନଥିବା ବେଳେ ୮ମରୁ ୧୨ଶ ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇପାରିବେ। ଏହି କୁଇଜ ଦ୍ୱାରା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇଟି ବିଷୟରେ ଅଧିକ ସଚେତନତା ଆଣିବାରେ ଏହା ସହାୟକ ହେଉଛି। ୨୦ଟି ପ୍ରଶ୍ନ ସମ୍ବଳିତ ଏହି କୁଇଜର ପ୍ରଥମ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ପରବର୍ତ୍ତୀ ରାଉଣ୍ଡରେ ମୌଖିକ, ଦୃଶ୍ୟ ତଥା ଶ୍ରାବ୍ୟ ପ୍ରଶ୍ନର ସାହାଯ୍ୟ ନିଆଯାଇଥାଏ। ଲିଖିତ ପରୀକ୍ଷାରୁ ୬ଟି ଶ୍ରେଷ୍ଠ ଦଳ ପରବର୍ତ୍ତୀ ରାଉଣ୍ଡକୁ ଯୋଗ୍ୟ ବିବେଚିତ ହୁଅନ୍ତି। ଏବଂ ଗୋଟିଏ ସ୍କୁଲରୁ ମାତ୍ର ଗୋଟିଏ ଦଳ ଲିଖିତ ରାଉଣ୍ଡରୁ ଯୋଗ୍ୟ ବିବେଚିତ ହୋଇପାରିବ। ଜୋନାଲ ବା ଆଞ୍ଚଳିକ ପ୍ରତିଯୋଗୀତାର ବିଜେତାଙ୍କୁ ଟ୍ରଫି ସହ ଏକ ଗାଲାକ୍ସି ଟ୍ୟାବ ଓ ଡିଜିଟାଲ କ୍ୟାମେରା ପୁରସ୍କାର ମିଳିବାକୁ ଥିବା ବେଳେ ଉପ ବିଜେତାଙ୍କୁ ଟ୍ରଫି ସହ ଆଇପଡ ପ୍ରଦାନ କରାଯିବ। ଏହା ବ୍ୟତୀତ ଜୋନାଲ ରାଉଣ୍ଡର ସମସ୍ତ ୬ଟି ଫଇନାଲିଷ୍ଟଙ୍କ ପାଇଁ ଟ୍ରାଭେଲ ବ୍ୟାଗ, ହେଡଫୋନ, ସ୍ପିକର, ପେନ ଡ୍ରାଇଭ ଭଳି ଆକର୍ଷକ ପୁରସ୍କାରର ବ୍ୟବସ୍ଥା ରହିଛି। ଏହି କୁଇଜରେ ଶିକ୍ଷା, ପୁସ୍ତକ, ମଲଟିମେଡିଆ, ସଂଗୀତ, ଚଳଚ୍ଚିତ୍ର, ବ୍ୟାଙ୍କିଙ୍ଗ, ଆଡଭର୍ଟାଇଜମେଣ୍ଟ, କ୍ରୀଡା ଆଦି କ୍ଷେତ୍ରରେ ଆଇଟି ଉପଯୋଗୀତା ତଥା ବିଭିନ୍ନ ଆଇଟି କମ୍ପାନୀ ଉପରେ ପ୍ରଶ୍ନ ରହିବ। ଦେଶ ବିଦେଶରେ ଆଇଟିର ବ୍ୟବହାର, ଉଦ୍ଭାବନ ଓ ଆବିଷ୍କାର ବିଷୟରେ ମଧ୍ୟ ଏହି କୁଇଜରେ ପ୍ରଶ୍ନ ରହିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୨ ତାରିଖ ପୂର୍ବରୁ ପ୍ରବେଶ ଦାଖଲ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନକୁ ସୂଚିତ କରାଯାଇଛି। www.tcsitwiz.com ରେ ମଧ୍ୟ ଅନଲାଇନ ନାମ ପଞ୍ଜିକରଣ କରିହେବ ବୋଲି କୁହାଯାଇଛି।



By: Vaishnavi - BIU Team